# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 13 November – 2025

*********************************

## ମୁଖ୍ୟ ସମ୍ବାଦ

- ସଶକ୍ତ ଏବଂ ସମୃଦ୍ଧ ଓଡ଼ିଶା ଓ ବିକଶିତ ଭାରତ ଗଠନରେ ମିଳିମିଶି କାର୍ଯ୍ୟ କରିବାକୁ ଆହ୍ୱାନ ଦେଲେ ମୁଖ୍ୟମନ୍ତ୍ରୀ
- ନୂଆପଡ଼ା ବିଧାନସଭା ଉପନିର୍ବାଚନର ଭୋଟ୍‌ଗଣତି ଆସନ୍ତାକାଲି
- ରାଜ୍ୟରେ ଖରିଫ ଧାନକିଣା ଆସନ୍ତା ୨୦ରୁ ଆରମ୍ଭ ହେବା ନେଇ ସୂଚନା ଦେଲେ ସମବାୟ ମନ୍ତ୍ରୀ

ଏବଂ

- ଦିବ୍ୟାଙ୍ଗ ଶିଶୁଙ୍କ ସର୍ଭେ ନେଇ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ମାର୍ଗଦର୍ଶିକା ଜାରି

# ଏକତା ପଦଯାତ୍ରା

ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ବର୍ଷବ୍ୟାପୀ ଜୟନ୍ତୀ ପାଳନ ଅବସରରେ ଆଜି ବାଲେଶ୍ୱର ଜିଲ୍ଲା ନୀଳଗିରିଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକତା ପଦଯାତ୍ରାର ଉଦ୍‌ଘାଟନ କରିଛନ୍ତି। ସମାବେଶକୁ ସମ୍ବୋଧନ କରି ମୁଖ୍ୟମନ୍ତ୍ରୀ ସଶକ୍ତ ଏବଂ ସମୃଦ୍ଧ ଓଡ଼ିଶା ଓ ବିକଶିତ ଭାରତ ଗଠନରେ ମିଳିମିଶି କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଛନ୍ତି। ନୀଳଗିରି ପ୍ରଜା ଆନ୍ଦୋଳନ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ସ୍ୱାଧୀନତା ସଂଗ୍ରାମର ଏହା ହେଉଛି ଏକ ଅଦ୍ୱିତୀୟ ଅଧ୍ୟାୟ। ବ୍ରିଟିଶ ବିରୋଧୀ ଆନ୍ଦୋଳନରେ ନୀଳଗିରିରେ ଯୁବବର୍ଗ, କୃଷକ, ଶ୍ରମିକ ଏବଂ ଶିକ୍ଷିତ ସମାଜ ଏକତାବଦ୍ଧ ଭାବେ କାର୍ଯ୍ୟ କରିଥିଲେ। ଏକତା ପଦଯାତ୍ରା ଭାରତୀୟତାର ପ୍ରତୀକ ବୋଲି ଶ୍ରୀ ମାଝୀ ବର୍ଣ୍ଣନା କରିଛନ୍ତି।

**- V/O -**

ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଯୁବବର୍ଗଙ୍କୁ ଦେଶ ଗଠନରେ ନେତୃତ୍ୱ ନେବାକୁ ଆହ୍ୱାନ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବିଧାୟକ ପଦ୍ମଲୋଚନ ପଣ୍ଡା, ମାନସ କୁମାର ଦତ୍ତ, ସନ୍ତୋଷ କୁମାର ଖଟୁଆ, ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଶୋଭନା ମହାନ୍ତି, ଶାସକ ଦଳର

ଉପ ମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ ପ୍ରମୁଖ ଯୋଗ ଦେଇଥିଲେ। ନୀଳଗିରିଠାରୁ ବାହାରି ଥିବା ଏହି ପଦଯାତ୍ରା ୯ କିଲୋମିଟର ଦୂର ମିତ୍ରପୁର ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ଛାତ୍ରଛାତ୍ରୀ, ସରକାରୀ ଅଧିକାରୀ ଏବଂ କର୍ମଚାରୀ ଓ ସମାଜର ବିଭିନ୍ନ ବର୍ଗର ଲୋକ ଯୋଗ ଦେଇଥିଲେ।

ପଦଯାତ୍ରା ପୂର୍ବରୁ ମୁଖ୍ୟମନ୍ତ୍ରୀ ନୀଳଗିରିରେ ଜଗନ୍ନାଥ ମନ୍ଦିର ପରିଦର୍ଶନ କରିବା ସହ ପୁଲିସ ପଡ଼ିଆଠାରେ ଆୟୋଜିତ ସ୍ୱାଧୀନତା ସଂଗ୍ରାମରେ ବାଲେଶ୍ୱର ଜିଲ୍ଲାର ଭୂମିକା ଏବଂ ସର୍ଦ୍ଦାର ପଟେଲଙ୍କ ଜୀବନୀ ଶୀର୍ଷକ ଫଟୋଚିତ୍ର ପ୍ରଦର୍ଶନୀକୁ ବୁଲି ଦେଖିଛନ୍ତି।

Nuapada

## ନୂଆପଡ଼ା - ଭୋଟ ଗଣତି

ନୂଆପଡ଼ା ବିଧାନସଭା ଉପନିର୍ବାଚନ ଲାଗି ଆସନ୍ତାକାଲି ଭୋଟ୍ ଗଣତି ହୋଇ ଫଳାଫଳ ପ୍ରକାଶ ପାଇବ । ଗଣତି ନେଇ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଁଞ୍ଚିଛି। ନୂଆପଡ଼ା ନ୍ୟାସନାଲ କଲେଜ ପରିସରରେ ଭୋଟ୍‌ଗଣତି କରାଯିବ। ଏ ସମ୍ପର୍କରେ ଅଧିକ ସୂଚନା ଦେଇ ଆମ ନୂଆପଡ଼ା ସମ୍ବାଦଦାତା କହିଛନ୍ତି...

**- V/O -**

ମୋଟ୍ ୧୪ଟି ଟେବୁଲ୍‌ରେ ୨୬ ରାଉଣ୍ଡ୍ ଗଣତି ହେବ । ସକାଳ ୮ଟାରୁ ପ୍ରଥମେ ପୋଷ୍ଟାଲ୍ ବାଲାଟ୍ ଗଣତି ହେବ । ଏହାର ଅଧଘଣ୍ଟା ପରେ ଇ.ଭି.ଏମ୍. ଗଣତି ହେବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା

ଦିଆଯାଇଛି। ଗଣତି ପାଇଁ ସମ୍ପୃକ୍ତ ଅଧିକାରୀଙ୍କ ତାଲିମ କାର୍ଯ୍ୟକ୍ରମ ଇତିମଧ୍ୟରେ ଶେଷ ହୋଇଥିବା ଜଣାପଡ଼ିଛି।

Desk

# ଖରିଫ ଧାନକିଣା

ରାଜ୍ୟରେ ଖରିଫ୍ ଧାନକିଣା ଆସନ୍ତା ୨୦ ତାରିଖରୁ ଆରମ୍ଭ ହେବ। ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଏହି ସୂଚନା ଦେଇ କହିଛନ୍ତି, ବରଗଡ଼ ଜିଲ୍ଲାରେ ପ୍ରଥମେ ଧାନକିଣା ଆରମ୍ଭ ହେବ। ଧାନ ସଂରକ୍ଷଣ ପାଇଁ ମଣ୍ଡିରେ ଅତ୍ୟାଦୁନିକ ବ୍ୟବସ୍ଥା ହୋଇଛି। ଦୁଇ ବର୍ଷ ମଧ୍ୟରେ ୧୦୦ଟି ଆଦର୍ଶ ମଣ୍ଡି ନିର୍ମାଣ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ବଳସାମନ୍ତ କହିଛନ୍ତି। ପ୍ରଥମ ପର୍ଯ୍ୟାୟରେ ୩୮ଟି ଆଦର୍ଶ ମଣ୍ଡି ପାଇଁ ଟେଣ୍ଡର ଜାରି ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ସେ କହିଛନ୍ତି।

HS

# ଏସ୍‌ଆଇ-ସିବିଆଇ

ପୁଲିସ ସବ୍‌ଇନ୍ସପେକ୍ଟର ନିଯୁକ୍ତି ଅନିୟମିତତା ମାମଲାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ସିବିଆଇ ଏକ ମାମଲା ରୁଜୁ କରିଛି। ଭୁବନେଶ୍ୱର ସିବିଆଇ ଶାଖା ପକ୍ଷରୁ ଏହି ମାମଲା ରୁଜୁ କରାଯାଇଛି। ଡିଏସ୍‌ପି ପାହ୍ୟାର ଜଣେ ଅଧିକାରୀଙ୍କ ନେତୃତ୍ୱରେ ତଦନ୍ତ କରାଯିବା ନେଇ ସିବିଆଇ ପକ୍ଷରୁ ସୂଚନା ଦିଆଯାଇଛି। ଖୁବ୍‌ଶୀଘ୍ର ଏହି ମାମଲାର ତଦନ୍ତ ସଂକ୍ରାନ୍ତ ସମସ୍ତ ତଥ୍ୟ କ୍ରାଇମବ୍ରାଞ୍ଚ ପକ୍ଷରୁ ସିବିଆଇକୁ ହସ୍ତାନ୍ତର କରାଯିବ ବୋଲି ଜଣାପଡ଼ିଛି।

HS

## ଦିବ୍ୟାଙ୍ଗ ଶିଶୁ ସର୍ଭେ

ରାଜ୍ୟରେ ଦିବ୍ୟାଙ୍ଗ ଶିଶୁଙ୍କର ସର୍ଭେ କରାଯିବା ନେଇ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି। ଅଙ୍ଗନବାଡ଼ି କର୍ମୀ’ ଘରକୁ ଘର ବୁଲି ଦିବ୍ୟାଙ୍ଗ ଶିଶୁଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରିବେ। ଏଥିପାଇଁ ସେମାନଙ୍କୁ ୫୦୦ ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ। ଜନ୍ମରୁ ୬ ବର୍ଷ ମଧ୍ୟରେ ଶିଶୁଙ୍କୁ ଏହି ସର୍ଭେରେ ସାମିଲ କରାଯିବାକୁ ନିଷ୍ପତ୍ତି ହୋଇଛି। ଜାତୀୟ ଶିକ୍ଷାନୀତି-୨୦୨୦ ସହ ବିଭିନ୍ନ ସରକାରୀ କଲ୍ୟାଣମୂଳକ ଯୋଜନାରେ ଏହି ଶିଶୁଙ୍କୁ ସହାୟତା ପ୍ରଦାନ ନେଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ସର୍ଭେ କାର୍ଯ୍ୟର ସଠିକତା ନେଇ ବିଭାଗୀୟ ଅଧିକାରୀ ଯାଞ୍ଚ କରିବେ। ଏକମାସ ମଧ୍ୟରେ ସର୍ଭେ କାର୍ଯ୍ୟ ଶେଷ କରିବା ନେଇ  ମାର୍ଗଦର୍ଶିକାରେ ସମୟସୀମା ଧାର୍ଯ୍ୟ ହୋଇଛି।

Desk

## ଇଭି ଇକୋସିଷ୍ଟମ

ରାଜ୍ୟରେ ବୈଦ୍ୟୁତିକ ଯାନ– ଇଭି ଇକୋସିଷ୍ଟମକୁ ଅଧିକ ସୁଦୃଢ଼ କରିବା ଏବଂ ଓଡ଼ିଶା ଇଭି ନୀତି ଦ୍ୱିତୀୟ ପର୍ଯ୍ୟାୟ ଢାଞ୍ଚା ଗଠନ ନେଇ ଏକ ପରାମର୍ଶ ବୈଠକ ଅନୁଷ୍ଠିତ ହୋଇଯାଇଛି। ବାଣିଜ୍ୟ, ପରିବହନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ିଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱରଠାରେ ଅନୁଷ୍ଠିତ

ଏହି ବୈଠକରେ ପ୍ରସ୍ତାବିତ ସଂଶୋଧନ ଇଭି ନୀତି ସମ୍ପର୍କରେ ବିସ୍ତୃତ ବିଚାର ବମର୍ଶ ହୋଇଛି। ଇଭି ଯାନଗୁଡ଼ିକର ଚଳାଚଳକୁ ପ୍ରୋତ୍ସାହନ ପ୍ରଦାନ କରିବା, ଚାର୍ଜିଂ ଭିତ୍ତିଭୂମିର ବିକାଶ, ସ୍କ୍ରାପ୍ ନୀତି ଏବଂ ଏ ସମସ୍ତ କ୍ଷେତ୍ର ପାଇଁ ଉଦ୍ଦିଷ୍ଟ ପାଣ୍ଠି ଯୋଗାଣ ଉପରେ ବୈଠକରେ ଆଲୋଚନା ହୋଇଛି। ରାଜ୍ୟରେ ବୈଦ୍ୟୁତିକ ଗତିଶୀଳତାକୁ ଏକ ସୁଗମ ଏବଂ ଅନ୍ତର୍ଭୁକ୍ତୀକରଣ କରିବା ଲକ୍ଷ୍ୟ ନେଇ ଦକ୍ଷତା ବିକାଶ ଓ ନୀତି ପ୍ରଣୟନର ଆବଶ୍ୟକତା ଉପରେ ପ୍ରମୁଖ ସଚିବ ଶ୍ରୀମତୀ ପାଢ଼ୀ ଗୁରୁତ୍ୱ ଦେଉଛନ୍ତି। ଏହି ବୈଠକରେ ସମ୍ପୃକ୍ତ ବିଭାଗ ଗୁଡ଼ିକର ବରିଷ୍ଠ ପଦାଧିକାରୀ ଯୋଗଦେଇ ମତ ଉପସ୍ଥାପନ କରିଥିଲେ।

Subarnpur

## ଶିଶୁ ମହୋତ୍ସବ

ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ ଅନ୍ତର୍ଗତ ଚାରଭଟା ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଶିଶୁ ମହୋତ୍ସବ ସର୍ଗିଫୁଲ ଅନୁଷ୍ଠିତ ହୋଇଛି। ଜିଲ୍ଲା ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ପକ୍ଷରୁ ଆୟୋଜିତ ଏହି ମହୋତ୍ସବକୁ ଜିଲ୍ଲାପାଳ ନୃପରାଜ ସାହୁ ଉଦ୍‌ଘାଟନ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୃଜନଶୀଳତା ବୃଦ୍ଧି ଲକ୍ଷ୍ୟ ନେଇ ବିଭିନ୍ନ ପ୍ରକାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଦିବସରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଛି।

Rayagada

# ଜନଜାତୀୟ ଗୌରବ ଦିବସ

ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ତଥା ଆଗାମୀ ଜନଜାତୀୟ ଗୌରବ ଦିବସ ପାଳନ ପରିପ୍ରେକ୍ଷୀରେ ରାୟଗଡ଼ା ଜିଲ୍ଲା ବିଜେପି କାର୍ଯ୍ୟାଳୟଠାରେ ଏକ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଦଳର ଅନୁସୂଚିତ ଜନଜାତି ମୋର୍ଚ୍ଚାର ରାଜ୍ୟ ସଭାପତି ତଥା ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ବିଧାୟକ ଗୌରୀ ମାଝୀ ଓ ରୁପୁ ଭତ୍ରା, ନରସିଂହ ମାଡ଼କାମୀ ପ୍ରମୁଖ ଏଥିରେ ଯୋଗଦେଇ ଭଗବାନ ବିର୍ସାମୁଣ୍ଡାଙ୍କ ଜୀବନୀ ଉପରେ ଅଲୋକପାତ କରିଛନ୍ତି।

Subarnpur/BHK

# ସାଇବର ସଚେତନତା

ସାଇବର ଅପରାଧ ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ଲକ୍ଷ୍ୟ ନେଇ ଭଦ୍ରକ ଜିଲ୍ଲା ପୁଲିସ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ସାଇବର ସଚେତନତା ରଥ ଜିଲ୍ଲାର ୭ଟି ବ୍ଲକ ଏବଂ ପୌରାଞ୍ଚଳରେ ପରିକ୍ରମା କରି ଲୋକଙ୍କୁ ଅପରାଧ ସମ୍ପର୍କରେ ସଚେତନ କରାଯାଉଛି। ସାଇବର ଅପରାଧକୁ ପ୍ରତିହତ କରିବା ନେଇ ପ୍ରଶାସନ ପକ୍ଷରୁ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ ଲୋକଙ୍କୁ ଅବଗତ କରାଯିବା ସହ ଏହାର ଉପଯୋଗ କରିବାକୁ ପୁଲିସ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ସମାବେଶ ମାଧ୍ୟମରେ ଲୋକଙ୍କୁ ସଚେତନ କରାଉଛନ୍ତି।

ସୁବର୍ଣ୍ଣପୁର ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସାଇବର ଅପରାଧ ଏବଂ ଅନଲାଇନ୍ ସୁରକ୍ଷା ଆଧାରିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାସ୍ତରୀୟ ପ୍ରଶାସନିକ ଅଧିକାରୀ ଏଥିରେ ଯୋଗଦେଇ ସାଇବର ଅପରାଧର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଛନ୍ତି । ଅନଲାଇନ ସୁରକ୍ଷା ଆଧାରିତ ଏକ ତାଲିମ କାର୍ଯ୍ୟକ୍ରମ ମଧ୍ୟ ଏହି ଅବସରରେ ଅନୁଷ୍ଠିତ ହୋଇଛି ।

Nabarangpur

## ମକା ମଞ୍ଜି ବୈଠକ

ନବରଙ୍ଗପୁର ଜିଲ୍ଲାରେ ଆଞ୍ଚଳିକକସ୍ତରୀୟ ମକା ମଞ୍ଜି କ୍ରେତା ବିକ୍ରେତା ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ମୁଖ୍ୟ କୃଷି ବିଭାଗ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଏବଂ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ପୃଥକ ପୃଥକ ଭାବେ ଏହି ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ଚାଷ କାର୍ଯ୍ୟରେ ଜୈବିକ ପ୍ରଣାଳୀ ଆପଣାଇବା ଉପରେ ଗୁରୁତ୍ୱ ଦିଆଯାଇଛି ।

Nabarangpur/BHK

## ପ୍ରାଣୀ ସମ୍ପଦ ମେଳା

ମତ୍ସ୍ୟ ଏବଂ ପ୍ରାଣୀ ସମ୍ପଦ ବିକାଶକୁ ଦୃଷ୍ଟିରେ ରଖି ଭଦ୍ରକ ଜିଲ୍ଲାର ବିଭିନ୍ନ ସ୍ଥାନରେ ଏ ସଂକ୍ରାନ୍ତ ମେଳା ଅନୁଷ୍ଠିତ ହୋଇଯାଇଛି । ଭଦ୍ରକ ବ୍ଲକର ଇଚ୍ଛାପୁର ଅନ୍ତର୍ଗତ ବ୍ରହ୍ମପୁର ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ

ଆୟୋଜିତ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳାରେ ସାଂସଦ ଅଭିମନ୍ୟୁ ସେଠୀ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ପ୍ରମୁଖ ଯୋଗଦେଇ ମତ୍ସ୍ୟ ଏବଂ ପ୍ରାଣୀ ସମ୍ପଦର ବିକାଶ ପାଇଁ ସରକାର ଗ୍ରହଣ କରିଥିବା ପଦକ୍ଷେପ ଉପରେ ଆଲୋକପାତ କରିଛନ୍ତି। ଏହି ମେଳାରେ ଶତାଧିକ ପ୍ରଦର୍ଶନ ମଣ୍ଡପ ସ୍ଥାନ ପାଇଛି। ମେଳା ଅବସରରେ  ଜିଲ୍ଲାର ସଫଳ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ ପାନାବେଡ଼ା ସରକାରୀ ଉଚ୍ଚବିଦ୍ୟାଳୟ ଖେଳ ପଡ଼ିଆଠାରେ ମଧ୍ୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ଅଧିକାରୀ ଏଥିରେ ଯୋଗଦେଇ  ସରକାରୀ ଯୋଜନାଗୁଡ଼ିକ ସମ୍ପର୍କରେ ଚାଷୀଙ୍କୁ ଅବଗତ କରାଯାଇଛି।

Kandhamal

## ଇକୋରିଟ୍ରିଟ୍

କନ୍ଧମାଳ ଜିଲ୍ଲାରେ ଥଣ୍ଡା ପରିସ୍ଥିତି କ୍ରମଶଃ ବୃଦ୍ଧି ପାଉଛି। ଏଥିସହ ଜିଲ୍ଲାର ବିଭିନ୍ନ ପର୍ଯ୍ୟଟନସ୍ଥଳୀରେ ମଧ୍ୟ ଲୋକଙ୍କର ଭିଡ଼ ବୃଦ୍ଧି ପାଉଥିବା ପରିଲକ୍ଷିତ ହେଉଛି। ଓଡ଼ିଶା ପର୍ଯ୍ୟଟନ ବିଭାଗ ପକ୍ଷରୁ ଆସନ୍ତା ୧୫ ତାରିଖ ଦିନ ଦାରିଙ୍ଗିବାଡ଼ିରେ ଇକୋରିଟ୍ରିଟ୍‌ର ଶୁଭାରମ୍ଭ ହେବ। ଜିଲ୍ଲାପାଳ ବେଦଭୂଷଣ ଇକୋରିଟ୍ରିଟ୍‌ର ପ୍ରସ୍ତୁତି ନେଇ କ୍ଷେତ୍ରୀୟ ସମୀକ୍ଷା କରିଛନ୍ତି।

ଦାରିଙ୍ଗିବାଡ଼ି ସହ କନ୍ଧମାଳ ଜିଲ୍ଲାର ପର୍ଯ୍ୟଟନସ୍ଥଳୀଗୁଡ଼ିକର ବିକାଶ କରାଯାଉଛି ବୋଲି ସେ କହିଛନ୍ତି।

**- V/O -Collector**